# ଜିଲ୍ଲା ଦକ୍ଷତା କମିଟି ବୈଠକ ଅନୁଷ୍ଠିତ -

## ସଙ୍କଳ୍ପ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ଆଲୋଚନା ।

ଅନୁଗୋଳ, ତା,୨୦.୧୦:- ଜିଲ୍ଲାର ବିଭିନ୍ନ ବିଭାଗର ସମନ୍ୱୟରେ ଜିଲ୍ଲା ଦକ୍ଷତା ବିକାଶ ଯୋଜନା କିପରି କାର୍ଯ୍ୟକାରୀ ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଶିଳ୍ପସଂସ୍ଥାର କର୍ମକର୍ତ୍ତା ବିଶେଷ ଯତ୍ନବାନ ହେବାକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ପରାମର୍ଶ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦିତ କରି ଆମ ଜିଲ୍ଲାର ପିଲାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଏକ ଏକାଭିମୁଖୀ (convergence)ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରତିମାସରେ ୨ଟି କ୍ୟାରିଅର ଏକ୍ସପ୍ରେସର ଆୟୋଜନ କରି ଆମ ଜିଲ୍ଲାର ପ୍ରତିଷ୍ଠିତ ଶିଳ୍ପପତିଙ୍କ ଦ୍ୱାରା ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ପରାମର୍ଶ ଦିଆଯାଇଛି । ଦକ୍ଷତାର ପରିପ୍ରକାଶ ଓ ଶିଳ୍ପସଂସ୍ଥାର ଆବଶ୍ୟକତା ମଧ୍ୟରେ ଥିବା ଶୂନ୍ୟସ୍ଥାନକୁ କିପରି ଦୂର କରାଯାଇପାରିବ ସେଥିପାଇଁ ଏହି ଏକାଭିମୁଖୀ ଯୋଜନା ସହାୟକ ହେବ । ଜିଲ୍ଲା ଦକ୍ଷତା ବିକାଶ ଯୋଜନା କିଭଳି ବିଭିନ୍ନ ବିଭାଗର ସମନ୍ୱୟରେ କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଶିଳ୍ପସଂସ୍ଥାଗୁଡିକର ଦରକାର ଅନୁଯାୟୀ କର୍ମକୁଶଳୀମାନଙ୍କୁ ଆଇ.ଟି. ଆଇ ଏବଂ ସରକାରୀ ପଲିଟେକ୍‌ନିକ୍‌ରୁ ଆବଶ୍ୟକ ଆପ୍ରେଣ୍ଟିସିପ୍ ମାଧ୍ୟମରେ ସ୍ୱାବଲମ୍ବୀ କରିବାକୁ ସଂପୃକ୍ତ ଶିଳ୍ପସଂସ୍ଥାର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ପାରମ୍ପରିକ କୌଳିକ ବୃତ୍ତିକୁ କିପରି ପ୍ରୋତ୍ସାହନ ଦିଆଯାଇପାରିବ ସେଥିପାଇଁ ଜିଲ୍ଲା ଶିଳ୍ପକେନ୍ଦ୍ରର ତାଲିମ କେନ୍ଦ୍ରଗୁଡିକର ସୁପରିଚାଳନା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ଶ୍ରମିକ ମାନଙ୍କୁ ଜିଲ୍ଲାରେ କିଭଳି ସେମାନଙ୍କ ଦକ୍ଷତା ଭିତ୍ତିରେ ବିଭିନ୍ନ ଶିଳ୍ପ ସଂସ୍ଥାରେ କର୍ମ ଯୋଗାଇ ଦିଆଯାଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବିଶ୍ୱବ୍ୟାଙ୍କ ସହାୟତାରେ ଜୀବିକା ପରିକଳ୍ପନା ନିମନ୍ତେ ଦକ୍ଷତା ଅର୍ଜନ ଓ ଜ୍ଞାନ ସଚେତନତା ଯୋଜନା (ସଙ୍କଳ୍ପ) ମାଧ୍ୟମରେ ନିଜର ଜୀବନଜୀବିକାକୁ ବୃଦ୍ଧି କରିବା ଉପାୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।